# କାର୍ଯ୍ୟନିର୍ବାହ ସାରାଂଶ

ବ୍ୟକ୍ତିବିଶେଷଙ୍କ ଅଭିବୃଦ୍ଧି ଏବଂ ବିକାଶ ପାଇଁ ଉଚ୍ଚଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯାହାକି ଏକ ସମାଜର ବିକାଶରେ ସହାୟକ ହୋଇଥାଏ । ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷାର ପ୍ରାଥମିକ ଫଳାଫଳ ଭାବରେ ନିଯୁକ୍ତି ଏବଂ ଉଚ୍ଚଶିକ୍ଷା ଚାହୁଁଥିବାବେଳେ ସମାଜ ଉଚ୍ଚଶିକ୍ଷା 'ଅନୁସନ୍ଧାନ' ମାଧ୍ୟମରେ ନୂତନ ଜ୍ଞାନ ସୃଷ୍ଟି ଏବଂ ପ୍ରଭାବୀ ଶିକ୍ଷାଦାନ/ ଶିକ୍ଷା ପ୍ରକ୍ରିୟା ମାଧ୍ୟମରେ ଜ୍ଞାନର ବିସ୍ତାର ଦିଗରେ ସହଯୋଗ ଚାହିଁଥାଏ । ଅନ୍ୟପକ୍ଷରେ, ସରକାର ଏକ ଉଚ୍ଚ ଗୁଣାତ୍ମକ ଉଚ୍ଚଶିକ୍ଷା ବ୍ୟବସ୍ଥା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥାନ୍ତି ଯାହା ସମାଜର ସମସ୍ତ ବର୍ଗଙ୍କ ପାଇଁ ସହଜରେ ଉପଲବ୍ଧ ହେବ । ସାମଗ୍ରିକ ଭାବରେ ଉପରୋକ୍ତ ଫଳାଫଳ ହାସଲ କରିବାରେ ଏକ ଦୃଢ଼ ଏବଂ ଶକ୍ତିଶାଳୀ ଶାସନ ପ୍ରଣାଳୀ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହି ସମ୍ପାଦନ ସମୀକ୍ଷା ମାଧ୍ୟମରେ ଏହି ଫଳାଫଳଗୁଡ଼ିକର ସଫଳତାର ପରିମାଣକୁ ଯେତେଦୂର ସମ୍ଭବ ବାସ୍ତବ ମୂଲ୍ୟାଙ୍କନ କରିବାକୁ ଏକ ପ୍ରୟାସ କରାଯାଇଥିଲା ।

ଅକ୍ଟୋବର 2019 ରୁ ଜାନୁଆରୀ 2020 ମଧ୍ୟରେ ସମ୍ପାଦନ ସମୀକ୍ଷା 2014-15 ରୁ 2018-19 ପର୍ଯ୍ୟନ୍ତ ସମୟକୁ ନେଇ କରାଯାଇଥିଲା । ସାଧାରଣ ଷ୍ଟ୍ରିମ୍ (ବିଜ୍ଞାନ/କଳା/ବାଣିଜ୍ୟ) ରେ ଶିକ୍ଷା ପ୍ରଦାନ କରୁଥିବା ନଅଟି ରାଜ୍ୟ ବିଶ୍ୱବିଦ୍ୟାଳୟ ମଧ୍ୟରୁ ଦୁଇଟି ବିଶ୍ୱବିଦ୍ୟାଳୟ (22 ପ୍ରତିଶତ) ଯଥା, ଉତ୍କଳ ବିଶ୍ୱବିଦ୍ୟାଳୟ (ୟୁୟୁ) ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ (ଏନ୍ଓୟୁ) ସମୀକ୍ଷା ଯାଞ୍ଚ ପାଇଁ ଚୟନ କରାଯାଇଥିଲା । ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ଅଧିନରେ ଥିବା 299 ଟି ମହାବିଦ୍ୟାଳୟର ସମୁଦାୟ ପରିସର ମଧ୍ୟରୁ 32 ଟି ପରୀକ୍ଷା ଯାଞ୍ଚ ପାଇଁ ଚୟନ କରାଯାଇଥିଲା ।

ଜଟିଳ ପାରାମିଟରଗୁଡ଼ିକ ସହିତ ଜଡ଼ିତ ତଥ୍ୟର ରକ୍ଷଣାବେକ୍ଷଣ ପ୍ରଣାଳୀ ଯେପରିକି ବିଦାୟୀ ଛାତ୍ରଛାତ୍ରୀମାନଙ୍କର ଚାକିରି, ଉଭୟ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ଉଚ୍ଚ ଅଧ୍ୟୟନର ଅଗ୍ରଗତି ଦୃଢ଼ ହେବା ଆବଶ୍ୟକ ।

ୟୁୟୁର ହାରାହାରି 26.10 ପ୍ରତିଶତ (2014-19) ଛାତ୍ର ଏବଂ ଏନଓୟୁର 3.79 ପ୍ରତିଶତ (2014-19) ଛାତ୍ରଛାତ୍ରୀମାନେ ପ୍ଲେସ୍‌ମେଣ୍ଟ ସେଲ୍/ ଚାକିରି ମେଳା ମାଧ୍ୟମରେ ନିଯୋଜିତ ହୋଇଥିଲେ । ନମୁନା ଯାଞ୍ଚ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ କ୍ୟାରିଅର କାଉନସେଲିଂ ସେଲଗୁଡ଼ିକ ସାମାନ୍ୟ ଭାବରେ କାର୍ଯ୍ୟକ୍ଷମ ନଥିଲା ଏବଂ ଅନେକ କ୍ଷେତ୍ରରେ କ୍ୟାରିଅର କାଉନସେଲିଂ ଓ ନିଯୋଜନ ମେଳାର ସମ୍ପୂର୍ଣ୍ଣ ଅଭାବ ଥିଲା । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ କୋଚିଂ ଦେବା ପାଇଁ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନେବାର ଆବଶ୍ୟକତା ଥିଲା ।

ରାଜ୍ୟର ଉଚ୍ଚଶିକ୍ଷା ବିଭାଗରୁ ଛାତ୍ରଛାତ୍ରୀମାନଙ୍କ ପାଇଁ ନିରନ୍ତର ସହାୟତା ପ୍ରଣାଳୀ ଯୋଗାଇବା ଏବଂ ଉଦ୍ଧୃତ ଫଳାଫଳକୁ ହାସଲ କରିବା ପାଇଁ କୌଣସି ଦୀର୍ଘକାଳୀନ ଯୋଜନା ନଥିଲା ।

ପାଠ୍ୟକ୍ରମ ଦିଗଗୁଡ଼ିକରୁ ଯଥା ପାଠ୍ୟକ୍ରମର ଡିଜାଇନ୍, ବିକାଶ, ସମୃଦ୍ଧତା, ଯୋଜନା ଏବଂ କାର୍ଯ୍ୟକାରିତା ଯେକୌଣସି ଶିକ୍ଷାନୁଷ୍ଠାନର ମୂଳଦୁଆ ଅଟେ । ସମୀକ୍ଷା ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର 42 ଟି ବିଷୟ ମଧ୍ୟରୁ 18 ଟି ପାଠ୍ୟକ୍ରମ ଯାଞ୍ଚ କରି ଜାଣିବାକୁ ପାଇଲା ଯେ 15 ଟି ବିଷୟର ପାଠ୍ୟକ୍ରମ ସଂଶୋଧିତ ହୋଇନାହିଁ, ଯଦିଓ ସଂଶୋଧନ ପାଇଁ ସମୟ ପୂରଣ ହୋଇଯାଇଥିଲା । ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ କେବଳ ଏକ ଚତୁର୍ଥାଂଶ ପାଠ୍ୟକ୍ରମ ନିଯୁକ୍ତି ଉପରେ ଧ୍ୟାନ ଦେଇଥିଲା ଏବଂ କୌଣସି ନମୁନା ଯାଞ୍ଚ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଗୋଟିଏ ମଧ୍ୟ ମୂଲ୍ୟଯୁକ୍ତ ପାଠ୍ୟକ୍ରମ ପ୍ରବର୍ତ୍ତିତ ହୋଇନଥିଲା ।

ଅତିରିକ୍ତ ଭାବରେ, ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା (ଆଇସିଟି) ଭିତ୍ତିଭୂମି ଉପଲବ୍ଧତା, ଯେପରିକି ଶ୍ରେଣୀଗୃହ ଏବଂ ପରୀକ୍ଷଣରେ ଆଇସିଟି ଉପକରଣ ବ୍ୟବହାର କରୁଥିବା ଅଧ୍ୟାପକଙ୍କ ସଂଖ୍ୟା କମ୍ ରହିଥିଲା (8 ରୁ 58 ପ୍ରତିଶତ ଶ୍ରେଣୀଗୃହ) ।

ଗୁଣୀ ଅଧ୍ୟାପକଙ୍କ ଅଭାବ ସହିତ ସମଗ୍ର ଅଞ୍ଚଳରେ ଅଧ୍ୟାପକଙ୍କ ଗତିଶୀଳତାର ଅଭାବ ଏକ ପ୍ରମୁଖ ପ୍ରତିବନ୍ଧକ ଥିଲା । 2018-19 ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଖାଲିଥିବା ପଦବୀ ଯଥାକ୍ରମେ 38 ପ୍ରତିଶତ ଏବଂ 34 ପ୍ରତିଶତ ଥିଲା ଏବଂ ଉଭୟ ବିଶ୍ୱବିଦ୍ୟାଳୟରେ କ୍ରମାଗତ ଭାବରେ ପଦବୀ ଖାଲି ପଡ଼ିଥିଲା । ଏଚ୍ଇଆଇ ଗୁଡ଼ିକରେ, ବିଶେଷ କରି ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀ ଶିକ୍ଷକର ନିର୍ଦ୍ଧାରିତ

ଅନୁପାତ ନିୟମ (20:1) ପାଳନ କରାଯାଇନଥିଲା । ବୃତ୍ତିଗତ ବିକାଶ ତାଲିମ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶିକ୍ଷକମାନଙ୍କୁ ପର୍ଯ୍ୟାପ୍ତ ସଂଖ୍ୟକ ସୁଯୋଗ ପ୍ରଦାନ କରାଯାଇ ନଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟରେ ଗବେଷଣା କାର୍ଯ୍ୟ ସମାପ୍ତ ହେବାର ପ୍ରତିଶତ ବହୁତ କମ୍ ରହିଥିଲା (16 ପ୍ରତିଶତ) । ଉଭୟ ବିଶ୍ୱବିଦ୍ୟାଳୟରେ ପେଟେଣ୍ଟଗୁଡ଼ିକର ବିକାଶ ଶୂନ୍ୟ ଥିଲା ଏବଂ ନମୁନା ଯାଞ୍ଚ ମହାବିଦ୍ୟାଳୟ ଗୁଡ଼ିକରେ ଏହାର କୌଣସି ଅସ୍ତିତ୍ୱ ନଥିଲା । ନମୁନା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟ ଗୁଡ଼ିକର ଶିଳ୍ପ ସହିତ କୌଣସି ସହଯୋଗୀ କାର୍ଯ୍ୟକଳାପ ନଥିଲା ଏବଂ କୌଣସି ବୁଝାମଣାପତ୍ର ସାକ୍ଷରିତ ହୋଇନଥିଲା ।

2014-19 ଅବଧିରେ ଓଡ଼ିଶାର ମହାବିଦ୍ୟାଳୟ ସାନ୍ଦ୍ରତା 23 ରେ ଅଟକି ଥିଲା । ନୂତନ ମହାବିଦ୍ୟାଳୟ ଖୋଲିବା ପାଇଁ ଓଡ଼ିଶା ସରକାର କୌଣସି ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିନଥିଲେ ଏବଂ ପର୍ଯ୍ୟାପ୍ତ ଉଚ୍ଚଶିକ୍ଷା ଅଭାବ ଥିବା ଅଞ୍ଚଳ/ ବ୍ଲକଗୁଡ଼ିକୁ ଚିହ୍ନଟ କରାଯାଇନଥିଲା । ରାଜ୍ୟରେ 19 ଟି ବ୍ଲକ୍ କୌଣସି ପ୍ରକାରର ଉଚ୍ଚଶିକ୍ଷା ପ୍ରତିଷ୍ଠାନରୁ ବଞ୍ଚିତ ଥିଲା ଏବଂ କେବଳ 12 ପ୍ରତିଶତ ସରକାରୀ ମହାବିଦ୍ୟାଳୟ ଗ୍ରାମାଞ୍ଚଳରେ ଉପଲବ୍ଧ ଥିଲା ।

ଭିନ୍ନକ୍ଷମଙ୍କ (ପିଡବ୍ଲୁଡି) ପାଇଁ ଭିତ୍ତିଭୂମି ସୁବିଧା ଯେପରିକି ରାମ୍ପ କେବଳ ଆଠଟି ପରୀକ୍ଷା ଯାଞ୍ଚ ମହାବିଦ୍ୟାଳୟ ଉପଲବ୍ଧ ଥିଲା ଏବଂ କୌଣସି ନମୁନା ଯାଞ୍ଚ ହୋଇଥିବା ମହାବିଦ୍ୟାଳୟରେ ବ୍ରେଲି ସାଇନବୋର୍ଡ, ଅଡିଓ ବୁକ୍, ସାଇନ୍ ଭାଷା, ସୁଗମ ୱେବସାଇଟ୍ ଇତ୍ୟାଦି ଉପଲବ୍ଧ ନଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟରେ କେବଳ 80 ପ୍ରତିଶତ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ କେବଳ 60 ପ୍ରତିଶତ ଅଟ୍ଟାଳିକା ଭିନ୍ନକ୍ଷମ ଅନୁକୂଳ ଥିଲା ।

ରାଜ୍ୟରେ ଥିବା ମହାବିଦ୍ୟାଳୟଗୁଡ଼ିକର କ୍ରମାଗତ ସ୍ୱଳ୍ପ ମାନ୍ୟତା (20:50 ପ୍ରତିଶତ) ଅତିକ୍ରମ କରିବା ପାଇଁ ରାଜ୍ୟ ସ୍ତରୀୟ ଗୁଣବତ୍ତା ନିଶ୍ଚିତତା ସେଲ୍ (ଏସ୍ଏଲ୍କ୍ୟୁଏସି) କୁ ମଜବୁତ୍ କରିବା ଆବଶ୍ୟକ । ନମୁନା ଯାଞ୍ଚ 20 ଟି ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟରୁ 14 ଟି ମହାବିଦ୍ୟାଳୟ ସ୍ୱୟଂଶାସିତ ସ୍ଥିତି ହରାଇଥିଲେ ଓ ତାହା ନବୀକରଣ ହୋଇନଥିଲା । ମାର୍ଚ୍ଚ 2019 ସୁଦ୍ଧା ରାଜ୍ୟରେ ନାକ୍ ସ୍ୱୀକୃତିପ୍ରାପ୍ତ ଉଚ୍ଚଶିକ୍ଷା ଅନୁଷ୍ଠାନ ମାନଙ୍କର ସ୍ଥିତି ମଧ୍ୟ ଖରାପ ଥିଲା, କାରଣ ମାର୍ଚ୍ଚ 2019 ସୁଦ୍ଧା କେବଳ 20:50 ପ୍ରତିଶତ ମହାବିଦ୍ୟାଳୟ ନାକ୍ ସ୍ୱୀକୃତିପ୍ରାପ୍ତ ହୋଇଥିଲେ । ଅଧିକନ୍ତୁ, ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକର ମାତ୍ର 4.42 ପ୍ରତିଶତ (181 ମଧ୍ୟରୁ 8) 'ଏ' ଗ୍ରେଡ ହାସଲ କରିଛନ୍ତି ଯାହା ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ଶିକ୍ଷାର ଗୁଣବତ୍ତା ବୃଦ୍ଧି ପାଇଁ ଅଧିକ ପ୍ରୟାସର ଆବଶ୍ୟକତାକୁ ଦର୍ଶାଉଛି ।

ମୋଟ ନାମଲେଖା ଅନୁପାତ (ଜିଇଆର) 2014-15 ରୁ 2018-19 ମଧ୍ୟରେ କେବଳ ସାମାନ୍ୟ ବୃଦ୍ଧି (4.4) ପଞ୍ଜିକୃତ ହୋଇଛି, ଯାହା ଦର୍ଶାଉଛି ଯେ ରାଜ୍ୟ ସରକାର ଏବଂ ଉଚ୍ଚ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ସମାନ ଉନ୍ନତି ପାଇଁ ଅଧିକ ନିରନ୍ତର ପ୍ରୟାସ ଆବଶ୍ୟକ । ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଜିଇଆର ରାଜ୍ୟ ଜିଇଆର (22.1) ଠାରୁ କମ୍ ରହିଥିଲା ।